ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ନଭେମ୍ବର ୧୧

# ବିଜ୍ଞାନ ଓ ବିଶ୍ୱଶାନ୍ତି


ଉମାଶଙ୍କର ପ୍ରସାଦ

ବଂଶ ଶତାବ୍ଦୀର ଅଭୁତପୂର୍ବ ବିକାଶ ଫଳରେ ମଣିଷ ଯେତିକି ଗୌରବାନ୍ୱିତ ସେତିକି ସେ ମାନବ ସଭ୍ୟତାର ସଙ୍କଟର ସମ୍ଭାବନାରେ ଶଙ୍କାକୁଳ । ବିଜ୍ଞାନର ଦାନ ମାନବ ସମାଜ ପାଇଁ ବହୁଳ । ମଣିଷକୁ ବିଳାସ ବ୍ୟସନ ପାଇଁ ଉପାଦାନ ଦେଇଛି ସତ, କିନ୍ତୁ କ୍ଷମତା ମଦମତ ମଣିଷ ହାତରେ ଧରାଇ ଦେଇଛି ବିଶ୍ୱ ଧ୍ୱଂସକାରୀ ଆଣବିକ ଅସ୍ତ୍ର । କେତେବେଳେ କେଉଁ ମୁହୂର୍ତ୍ତରେ ଆଣବିକ ସଂଗ୍ରାମର ପରିଣତ ହେତୁ ଏହିଁ ବିରାଟ ବିଶ୍ୱ ଧ୍ୱଂସ ସ୍ତୁପରେ ପରିଣତ ହୋଇଯିବ କେହି କହିପାରିବେ ନାହିଁ ଯାହାର ଜ୍ୱଳନ୍ତ ଉଦାହରଣ ରୁଷିଆ ଓ ୟୁକ୍ରେନ୍ ମଧ ଚାଲିଥିବା ଦୀର୍ଘ ଦିନ ଧରି ଯୁଦ୍ଧ ଓ ବିଭୀଷିକା । ବିଜ୍ଞାନ ମଣିଷକୁ ଭଗବାନଙ୍କଠୁ ଦୂରେଇ ଆଣି ଧ୍ୱଂସର ନିକଟବର୍ତ୍ତୀ କରିଛି । Eliot u bûhûùe Father from God nearer to the Dust" ମଣିଷ ମଣିଷ ଉପରେ ପ୍ରଭୁତ୍ୱ ଓ ଆଧିପତ୍ୟ ବିସ୍ତାର କରିଥାଏ ବିଜ୍ଞାନ ବଳରେ । ଏବେ ଏ ଜାତି ମନରୁ ଲିଭି ନାହିଁ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଧ୍ୱଂସର ତାଣ୍ଡବଲୀଳା । ମାରଣାସ୍ତ୍ର ସାହାଯ୍ୟରେ ଶାନ୍ତି ପୃଥିବୀ ବକ୍ଷକୁ ରକ୍ତାପ୍ଳୁତ କରିଦେଇଥାଏ ମଣିଷ । ମାତ୍ର ମଣିଷ ତ ସଦାସର୍ବଦା ଚାହିଁଥାଏ ଶାନ୍ତି ସମାଜରୁ ଯୁଦ୍ଧ ଭୟ ଦୂର କରି ଶାନ୍ତିର ଅମୀୟ ମଧୁରବାଣୀ ପ୍ରଚାର କରିବାକୁ ସେ ସର୍ବଦା ଚେଷ୍ଟା କରିବାକୁ ସେ ଭଲ ପାଇବା ଦରକାର ମାତ୍ର ବିଜ୍ଞାନର ଅଭିନବ ପ୍ରଗତି ମଣିଷକୁ ଆଜି କରିଦେଇଛି କ୍ଷମତାର ମଦମତ । ଏ ଅଭିନବ ପ୍ରଗତିର ମୂଲ୍ୟ କ'ଣ ଯାହା ବିଶ୍ୱ ଧ୍ୱଂସ ପାଇଁ ପଥ ପରିଷ୍କାର କରିଦେଇଥାଏ । ବିଜ୍ଞାନର ସୃଷ୍ଟି ନୁହେଁ, ସୃଷ୍ଟିର ଧ୍ୱଂସ ପାଇଁ । ବିଜ୍ଞାନର ସୃଷ୍ଟି ମଣିଷର ମଙ୍ଗଳ କାମନା କରିବା । ବିଜ୍ଞାନ ମଣିଷ ଜୀବନକୁ ଆନ୍ତର୍ଜାତିକ କରିଦେଇଛି । ରେଳ, ମଟର, ବ୍ୟୋମଯାନ, ବେତାର, ଦୂରଦର୍ଶନ ଇତ୍ୟାଦି ବିଜ୍ଞାନର ଆଶିର୍ବାଦରୁ ସୃଷ୍ଟି ହୋଇ ମାନବର ବାଣିଜ୍ୟିକ ସମ୍ପର୍କ ଓ ସାଂସ୍କୃତିକ ବିନିମୟ ଆଜି ବିଶ୍ୱର ବିଭିନ୍ନ ଦେଶରେ ପ୍ରତିଷ୍ଠିତ ହୋଇପାରିଛି । ମାତ୍ର ବେଳେବେଳେ କ୍ଷମତାନ୍ଧ ବ୍ୟକ୍ତିମାନେ ବିଜ୍ଞାନକୁ ବିଶ୍ୱ ଧ୍ୱଂସ ଦିଗରେ ପ୍ରୟୋଗ କରି ମଣିଷ ସମାଜକୁ ବିଷଦମୟ କରିଦେଇଛନ୍ତି । ବିଜ୍ଞାନର ପ୍ରଗତି କେଉଁ ଆଦିମକାଳରୁ ହୋଇଆସିଛି । ମାତ୍ର ସେତେବେଳେ ବିଜ୍ଞାନ ତପ ସାଧିତ ବିଜ୍ଞାନ ଆଜିର ବିଜ୍ଞାନ ବସ୍ତୁ ସାଧିତ ସେତେବେଳେ ମଣିଷ ଗୁରୁଗୃହର ବିଭିନ୍ନ ଶିକ୍ଷା ସହ ଯୁଦ୍ଧାସ୍ତ୍ର ନିକ୍ଷେପଣ ତଥା ପ୍ରାପ୍ତି କରି ଏହାର ବିନିଯୋଗ କେବଳ ଧର୍ମ ରକ୍ଷା ପାଇଁ ଉର୍ଦ୍ଦିଷ୍ଟ ଥିଲା । ମାତ୍ର ଆଜିର ବିଜ୍ଞାନଗାରରେ ସାଧିତ ବିଜ୍ଞାନ ଧର୍ମ କ୍ଷୟ ଦିଗରେ ବିନିଯୋଗ ହେଉଛି । ସେତେବେଳେ ରାବଣ ପାଖରେ ପୁଷ୍ପକ ବିମାନ ଥିଲା ଯାହା ଆଜିର ଏରୋପ୍ଲେନ୍ । ଗୁରୁ ଗର୍ଗ ବ୍ୟାସ ଆଦି ତାଙ୍କର ସହସ୍ର ସହସ୍ର ଶିଷ୍ୟଙ୍କୁ ଯେଉଁ ମାଧ୍ୟମରେ ଶିକ୍ଷା ଦେଉଥିଲେ ତାହା ଥିଲା ଆଜି ମାଇକ ବା ଡ଼ାକବାଜ ଯନ୍ତ୍ର ଯାହା ଆଗରୁ ମୁନି ଋଷିମାନେ ସର୍ଚ୍ଚ କରି ନିଜ ବେଦ, ପୁରାଣ ଆଦିର ବର୍ଣ୍ଣନା କରିଛନ୍ତି ତାର ଆଧୁନିକ ବିଜ୍ଞାନୀମାନେ କେବଳ ରିସର୍ଚ୍ଚ ଅର୍ଥାତ୍ ଦ୍ୱିତୀୟବାର ଖୋଜି ପାରିଥାନ୍ତି । ସେ ଦିନ ଗୁରୁ ପ୍ରଦତ ଦିବ୍ୟାସ୍ତ୍ର ଯାହା କାମ କରୁଥିଲା । ଆଜି ବିଜ୍ଞାନଗାରରେ ପ୍ରସ୍ତୁତ ସେହି ଦିବ୍ୟାସ୍ତ୍ର ମାରଣାସ୍ତ୍ରରେ ପରିଣତ ହୋଇ ଦେଶ ତଥା ବିଶ୍ୱର ଅହେତୁକ କ୍ଷତ ସାଧନ କରୁଛି । ସେ ଦିନ ଶୁକ୍ରାଚାର୍ଯ୍ୟ ମୃତ୍ୟୁ ସଞ୍ଜିବନୀ ବିଦ୍ୟା ନିଜର ତପସାଧନ ବଳରେ ପ୍ରାପ୍ତ କରି ମୃତବ୍ୟକ୍ତିଙ୍କୁ ବଂଚାଇ ପାରୁଥିଲେ ମାତ୍ର ଆଜିର ବିଜ୍ଞାନ ଯେତେ ପ୍ରଗତିଶୀଳ ହେଲେ ମଧ ମୃତ ମଣିଷକୁ ଜୀବିତ କରିବାର କଳା ସେ ହାସଲ କରିପାରିଛି । ତେଣୁ ପ୍ରତ୍ୟେକ ପ୍ରଗତିଶୀଳ ଦେଶ ସମୂହ ବିଜ୍ଞାନକୁ ବିଶ୍ୱ ଧ୍ୱଂସ ପାଇଁ ବିନିଯୁକ୍ତ ନ କରି ଅନଗ୍ର ଦେଶରେ ଆର୍ଥନୀତିକ ପ୍ରଗତି ପାଇଁ ପ୍ରୟୋଗ କରିବା ଉଚିତ୍ । ସକାରାତ୍ମକ ଦିଗରେ ବିଜ୍ଞାନକୁ ପ୍ରୟୋଗ କରିବା ପାଇଁ ଚେଷ୍ଟା କଲେ ଦେଶର ମଙ୍ଗଳ ସାଧିତ ହେବ । ଏହାଦ୍ୱାରା ସମଗ୍ର ବିଶ୍ୱରେ ପ୍ରତିଷ୍ଠିତ ହେବ ବିଶ୍ୱଜନୀନ ଭାତୃଭାବ । ସମସ୍ତେ ଶାନ୍ତିର ଉଦାତବାଣୀରେ ପ୍ରଭାବିତ ହେବେ । ବିଜ୍ଞାନ ମଣିଷକୁ ଜଡ଼ବାଦୀ କରିଦେଇଥାଏ । ତେଣୁ ମଣିଷ ହୋଇଥାଏ ସ୍ୱାର୍ଥପର । ଆଜି ତାର ବିଶ୍ୱାସ କେବଳ ଭୌତିକ ଉନ୍ନତିରେ ଯାହା କ୍ଷଣସ୍ଥାୟୀ ଫଳରେ ସେ ହରାଇ ବସିଛି ଆତ୍ମ ସଚେତନ । ଯେତେବେଳେ ମଣିଷ ଉପଲବ୍ଧ କରିବ ତାର ଆତ୍ମାରେ ଏବଂ ସେହି ଆତ୍ମାକୁ ସେ ଉପଲବ୍ଧ କରିବ ତାର ଆତ୍ମାରେ ଏବଂ ସେହି ଆତ୍ମାକୁ ସେ ଉପଲବ୍ଧ କରିବ ସମସ୍ତଙ୍କ ଆତ୍ମାରେ ସେତେବେଳେ ସେ ମନରୁ ଧ୍ୱଂସର ଭାବ ଆସ୍ତେ ଆସ୍ତେ ଦୂରେଇ ଯିବ । ଆଧାତ୍ମିକ ଚିନ୍ତନ ମଣିଷ ମନରୁ ଦୂରେଇ ଦିଏ ଇର୍ଷା, ଘୃଣା, ଓ ବସ୍ତୁବାଦୀ ମନୋଭାବ । ତେଣୁ ବିଜ୍ଞାନ ସହିତ ଆଧାତ୍ମିକ ଚିନ୍ତନର ସମନ୍ୱୟ ଘଟିଲେ ବିଶ୍ୱଶାନ୍ତି ପ୍ରତିଷ୍ଠା ହେବ । କେବେ ଏ କଥାକୁ ମୋର ସୃଷ୍ଟିର ମାନବ ସମାଜ ଉପଲବ୍ଧି କରିବ ?

ସମ୍ପାଦକ, ମାର୍ଗଦର୍ଶୀ
ଚଳଭାଷ : ୬୩୭୦୬୭୫୫୬୨

# ପ୍ରଥମାଷ୍ଟମୀ


ବିକ୍ରମ ମହାପାତ୍ର

ପ୍ରଥମାଷ୍ଟମୀ ବା ପଢୁଆଷ୍ଟମୀ ଓଡ଼ିଶାର ଏକ ପାରମ୍ପରିକ ପର୍ବ । ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶିର ମାସ କୃଷ୍ଣପକ୍ଷର ଅଷ୍ଟମୀ ତିଥିରେ ଏହି ପର୍ବ ପାଳିତ ହୋଇଥାଏ । ଏହି ଦିନ ବଂଶର ପ୍ରଥମ ଜାତ ସନ୍ତାନ ବା ଜ୍ୟେଷ୍ଠ ପୁତ୍ର/ପୁତ୍ରୀଙ୍କର ନବବସ୍ତ୍ର ପରିଧାନ, ବନ୍ଦାପନା ଆଦି ହୁଏ । ଏହା ଲିଙ୍ଗରାଜ ମହାପ୍ରଭୁଙ୍କର ଗୋଟିଏ ଯାତ୍ରା ଦିବସ । ଏହି ଦିନରେ ପରିବାରର ଜ୍ୟେଷ୍ଠ ସନ୍ତାନଙ୍କ ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ କାମନା କରି ପୂଜାବିଧି ଅନୁଷ୍ଠିତ ହୋଇଥାଏ । ମା'ମାନେ ଷଠୀ ଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି । ପଂଚପଲ୍ଲବ ଓ ପଂଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ । ମାର୍ଗଶୀର ମାସକୁ କେତେକ ଗଣନାକାର ଏବଂ ଐତିହାସିକ ବର୍ଷର ପ୍ରଥମ ମାସ ଭାବେ ଗ୍ରହଣ କରୁଥିବାରୁ ଏହି ମାର୍ଗଶୀର ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଏ । ସବୁ ମାସ ଭିତରେ ମାର୍ଗଶୀର ଶ୍ରେଷ୍ଠ ବୋଲି ଗୀତାରେ ଭଗବାନ ଶ୍ରୀକୃଷ୍ଣ – 'ମାର୍ଗଶୀର୍ଷୋଽହମ ଋତୁନାଂ କୁସୁମାକରଃ' । ଶ୍ରୀମଦ୍ ଭାଗବତ ଗୀତାରେ ଉଲ୍ଲେଖ ରହିଛି – 'ସମ୍ବତ୍ସରୋଽସ୍ମ୍ୟ ନିମିଷ୍ୟ ମୃତୂନାଂ ମଧୁମାଧବେ, ମାସନାଂ ମାର୍ଗଶିର୍ଷୋଽହଂ ନକ୍ଷତ୍ରାଣାଂତ୍ୱଭିଜିତ୍ ।' ଅର୍ଥାତ୍ ନିମେଷ ରହିତମାନଙ୍କର ମୁଁ ସମ୍ବତ୍ସର, ଋତୁମାନଙ୍କର ମୁଁ ମଧୁମାଧବ, ମାସାମାଙ୍କର ମାର୍ଗଶୀର ଓ ନକ୍ଷତ୍ରମାନଙ୍କର ଅଭିଜିତ୍ ।

ଜ୍ୟେଷ୍ଠ ପୁତ୍ର କିମ୍ବା କନ୍ୟାଙ୍କୁ ନୂତନ ବସ୍ତ୍ର ପିନ୍ଧାଇ ଦିଅଁଙ୍କ ଆଗରେ ପିଢ଼ା ଉପରେ ବସାଇ ମା'ମାନେ ବନ୍ଦାପନା କରିଥାନ୍ତି । ନବବସ୍ତ୍ର ପରିଧାନ ଓ ବନ୍ଦାପନାର ଏହି ବିଶେଷ ବିଧିକୁ ପଢୁଆଁ ହେବା କହିଥାନ୍ତି । ପରମ୍ପରା ଅନୁଯାୟୀ ଏହି ଦିନ ଜ୍ୟେଷ୍ଠ ସନ୍ତାନ ପିନ୍ଧୁଥିବା ବସ୍ତ୍ର ମାମୁଁ ଘରୁ ଆସିଥାଏ । ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ଏହି ପିଠା ପାଇଁ ହଳଦୀ ପତ୍ରର ବ୍ୟବହାର କରାଯାଇଥାଏ । ହଳଦୀ ପତ୍ରରେ ପ୍ରସ୍ତୁତ ଏଣ୍ଡୁରି ପିଠା ପଢୁଆଁ ହୋଇଥିବା ସନ୍ତାନକୁ ଖାଇବାକୁ ଦିଆଯାଏ । ମନ୍ଦିର ମାଳିନୀ ନଗରୀ ଭୁବନେଶ୍ୱରରେ ବିରାଜିତ ଲିଙ୍ଗରାଜ ମହାପ୍ରଭୁ ଏହି ଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠକୁ ପଢୁଆଁ ହେବା ପାଇଁ ଯାଇଥାନ୍ତି ।

ଓଡ଼ିଆ ମାଟି, ପାଣି, ପବନରେ ସବୁଠି ସବୁକ୍ଷେତ୍ରରେ ପ୍ରଥମ ପ୍ରଥା ସମାଜର ପଥପଦର୍ଶକ ତଥା ଦିଗଦର୍ଶକ ମାନଙ୍କୁ ସମ୍ମାନ ଓ ପୂଜ୍ୟପୂଜାର ମର୍ଯ୍ୟାଦା ଦିଆଯାଇଥାଏ । ପରିବାରର ପ୍ରଥମ ଅର୍ଥାତ ଜ୍ୟେଷ୍ଠ ସନ୍ତାନଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବା କ୍ଷେତ୍ରରେ ସେମାନଙ୍କ ପ୍ରତି ପରିବାରର ଗୁରୁ ଦାୟିତ୍ୱ ସମ୍ପର୍କରେ ସୂଚିତ କରିବା ମଧ ହେଉଛି ଅନ୍ୟତମ ଏହାର ଭାବାର୍ଥ । ତେବେ ଯାହାହେଉନା କାହିଁକି ପ୍ରଥମାଷ୍ଟମୀରେ ସକାଳର ପ୍ରଥମ ସୂର୍ଯ୍ୟର ପୁଲକରେ ଜ୍ୟେଷ୍ଠ ସନ୍ତାନକୁ ସ୍ନାନ ଓ ଦେବାଳୟରେ ଠାକୁରଙ୍କ କୃପାପ୍ରାପ୍ତି ସହ ସମସ୍ତଙ୍କ ଶୁଭାଶ୍ରୀବାଦ ନେବା ଚେତନା ହେଉଛି ଓଡ଼ିଆ ପ୍ରଥମାଷ୍ଟମୀରେ ମୂଳଭିତି ।

'ଆନନ୍ଦ ଜ୍ୟୋତ୍ସ୍ନା', ଚଣ୍ଡୀମନ୍ଦିର ମାର୍ଗ,
ଚଣ୍ଡୀଛକ, କଟକ

# ପ୍ରଥମାଷ୍ଟମୀ


ଡ଼ଃ.ଅରୁନ୍ଧତୀ ଦେବୀ

ବିଭିନ୍ନ ପର୍ବ ପର୍ବାଣୀ, ଓଷାବ୍ରତ ଯାନିଯାତ୍ରା ଓ ପୂଜାପାର୍ବଣର ରାଜ୍ୟ ଆମ ଓଡ଼ିଶା ଆମର ବାରମାସରେ ତେର ପର୍ବ, ଦୋଳ, ପଣା ସଂକ୍ରାନ୍ତି, ରଜ, ରଥଯାତ୍ରା, ଦଶହରା ଭଳି ବଡ଼ ବଡ଼ ପର୍ବ ବ୍ୟତୀତ ଆହୁରି ଛୋଟ ଛୋଟ ପର୍ବ ଓ ଉତ୍ସବ ଆମର ପାଳିତ ହୋଇଥାଏ । ଆମର ସମାଜ, ସଂସ୍କୃତି, ଆମର ବିଚାର, ଚଳଣିକୁ ଆଧାର କରି ଗଢ଼ା ହୋଇଛି ଏହିସବୁ ପର୍ବପର୍ବାଣି, ଓଷାବ୍ରତ ଇତ୍ୟାଦି । ପଣା ସଂକ୍ରାନ୍ତି, ରଜସଂକ୍ରାନ୍ତି, ଧନୁ ସଂକ୍ରାନ୍ତି, ମକର ସଂକ୍ରାନ୍ତି ଇତ୍ୟାଦି ବର୍ଷର କେତୋଟି ସଂକ୍ରାନ୍ତି ଯେଉଁଳି ଗୋଟିଏ ଗୋଟିଏ ପ୍ରଧାନ ପର୍ବ ସେହିପରି ବିଭିନ୍ନ ମାସର ଅଷ୍ଟମୀ ତିଥି ମଧ ବିଶିଷ୍ଟ ପର୍ବ ରୂପେ ପାଳିତ ହୋଇଥାଏ । ଜନ୍ମାଷ୍ଟମୀ, ରାଧାଷ୍ଟମୀ, ମହାଷ୍ଟମୀ ଭଳି ପ୍ରଥମାଷ୍ଟମୀ କୌଣସି ଦେବାଦେବୀଙ୍କର ଜନ୍ମତିଥି ନୁହେଁ । ଏହା ସ୍ୱତନ୍ତ୍ର ଭାବରେ ଏକ ସାମାଜିକ ଏବଂ ପରମ୍ପରା ପ୍ରଚଳିତ ପାରିବାରିକ ପର୍ବ । ପରିବାର ଶ୍ରଦ୍ଧା, ସ୍ନେହ ଓ ସଂହତି ରକ୍ଷା ନିମନ୍ତେ ଏହା ଏକ ଚମତ୍କାର ପରିକଳ୍ପନା ।

ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶୀର ମାସ କୃଷ୍ଣପକ୍ଷର ଅଷ୍ଟମୀତିଥି । ଏହିଦିନ ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ । ସାଧାରଣତଃ ଜ୍ୟେଷ୍ଠପୁତ୍ର ବା କନ୍ୟା ସ୍ନାନାନ୍ତେ ନବବସ୍ତ୍ର ପରିଧାନ କରନ୍ତି ଏବଂ ମା'ମାନେ ତାଙ୍କୁ ବନ୍ଦାପନା କରନ୍ତି । ପଂଚପଲ୍ଲବ ଓ ପଂଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ । ଏହିଦିନ ଏପରି ଏକ ପିଠା ହୁଏ, ଯାହାକି ଅନ୍ୟ ଦିନମାନଙ୍କରେ ବା ଅନ୍ୟ ପର୍ବରେ କେବେ ହୁଏ ନାହିଁ । ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ରାଜ୍ୟରେ ଯେଉଁଳି ପୋଡ଼ପିଠା, ଅନନ୍ତବ୍ରତ ଦିନ ଲଡ଼ୁ କାକରା, ବଡ଼ଓଷାରେ ମଣ୍ଡାପିଠା, ଚିତାଲାଗି ଅମାବାସ୍ୟାରେ ଚିତଉପିଠା, ମକର ସଂକ୍ରାନ୍ତିରେ ମକରଚାଉଳ, ଧନୁ ସଂକ୍ରାନ୍ତିରେ ଧନୁ ମୁଆଁ, ବିଷୁବ ସଂକ୍ରାନ୍ତିରେ ଛେନାପଣା, ଶାମ୍ବଦାମୀରେ ବୁଢ଼ା ଚକୁଳି ଇତ୍ୟାଦି ଓଡ଼ିଆ ଘରର ବିଶେଷତ୍ୱ, ସେହିଭଳି ପ୍ରଥମାଷ୍ଟମୀର ବିଶେଷତ୍ୱ ହେଉଚି, ଏଣ୍ଡୁରୀପିଠା, ଛେନା, ଗୁଡ଼ ଓ ନଡ଼ିଆପୁର ଏବଂ ଉଆପକ୍ଷିଆ ଚାଉଳ ଓ ବିରିରେ ଏହା ପ୍ରସ୍ତୁତ ହୋଇଥାଏ । ଏହି ପିଠା ପାଇଁ ହଳଦୀ ପତ୍ରର ବ୍ୟବହାର ଅନ୍ୟ ଏକ ବିଶେଷତ୍ୱ । ଅନ୍ୟ କୌଣସି ପିଠାରେ ହଳଦୀ ପତ୍ର ବ୍ୟବହାର ହୁଏନାହିଁ । କେବଳ ପ୍ରଥମାଷ୍ଟମୀ ଉପଲକ୍ଷେ ଏଣ୍ଡୁରୀପିଠାରେ ହଳଦୀପତ୍ରର ବ୍ୟବହାର ପ୍ରସିଦ୍ଧ । ତେଣୁ ଏହି ପିଠା ଅତ୍ୟନ୍ତ ସୁସ୍ୱାଦୁ, ରୁଚିକର ଓ ସୁବାସ ହୋଇଥାଏ । ଗୋଟିଏ ହାଣ୍ଡିର ମୁହଁରେ କନା ବାନ୍ଧି ସେହି ହାଣ୍ଡିକୁ ଚୁଲି ଉପରେ ରଖାଯାଏ । ଏହାକୁ ଅଥାର ହାଣ୍ଡି କହନ୍ତି । ଏହି ଅଥାରହାଣ୍ଡି ଉପରେ ହଳଦୀପତ୍ରରେ ପୁରମିଶା ଆଣ ଲଦି ହାଣ୍ଡି ଉପରେ ପଲମ ବା ଘୋଡ଼ଣି ଢ଼ାଙ୍କି ଦିଆଯାଏ । କିଛି ସମୟ ପରେ ପିଠା ସିଝିଗଲେ, ତାକୁ କାଢ଼ି ଅଣାଯାଏ ଏବଂ ଏହା ଏହିଁ ଏଣ୍ଡୁରୀପିଠା । ମାର୍ଗଶୀର ମାସରେ ଏହି ପ୍ରଥମାଷ୍ଟମୀ ପର୍ବ ପଡ଼େ । ଏହି ମାର୍ଗଶୀର ମାସକୁ ବର୍ଷର ଆଦ୍ୟ ମାସ ବା ପ୍ରଥମ ମାସ ବୋଲି ଗଣନା କରାଯାଇଥାଏ । ଅତୀତରେ, ଏହି ମାସରୁ ବର୍ଷାରମ୍ଭ ହେଉଥିଲା । ତେଣୁ ବର୍ଷର ପ୍ରଥମ ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଇଅଛି । ପରିବାରର ଜ୍ୟେଷ୍ଠପୁତ୍ର ବା ଜ୍ୟେଷ୍ଠା କନ୍ୟାର ନବବସ୍ତ୍ର ପରିଧାନ ଓ ବନ୍ଦାପନା ହେବାର ଏହି ବିଶେଷ ବିଧିକୁ ପଢୁଆଁ ହେବା କହିଥାନ୍ତି । ପଢୁଆଁ ଶବ୍ଦଟି ପ୍ରଥମର ଅପଭ୍ରଂଶ । ସାଧାରଣତଃ ପଢୁଆଁ କରିବା ଦାୟିତ୍ୱ ମାମୁଁଙ୍କର । ଏହି ଦିନ ମାମୁମାନେ ନୂଆଲୁଗା, ମିଷ୍ଟାନ୍ନ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଭଣଜା ଭାଣିଜୀ ଘରକୁ ଯାଇ ପଢୁଆଁ କରନ୍ତି । ସେଥିପାଇଁ ମାମୁଁଙ୍କୁ ଶ୍ରଦ୍ଧା ଓ ପରିହାସରେ ଅଷ୍ଟମୀ ବନ୍ଧୁ ବୋଲି କୁହାଯାଇଥାଏ । ଏହି ବିଧିରେ ସାମାଜିକ ଓ ପାରିବାରିକ ବନ୍ଧନ, ଶୃଙ୍ଖଳା ଓ ଆଦର୍ଶବୋଧ ଅତିମାତ୍ରାରେ ନିହିତ ରହିଛି । ଜ୍ୟେଷ୍ଠ ପୁତ୍ର, ପରିବାରରେ ପିତା ସମାନ । ପିତାଙ୍କ ଅନ୍ତେ ଘର ଚଳାଇବା ଓ ଅନ୍ୟ ସନ୍ତାନମାନଙ୍କୁ ପ୍ରତିପୋଷଣ କରିବା ଦାୟିତ୍ୱ ଜ୍ୟେଷ୍ଠ ପୁତ୍ର ଉପରେ ପଡ଼ିଥାଏ । ତେଣୁ ତାକୁ ସମସ୍ତେ ସମ୍ମାନ ଜଣାଇବା ପାଇଁ ପ୍ରଥମାଷ୍ଟମୀ ଓ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପ୍ରଥମ ସନ୍ତାନକୁ ପୂଜା ବନ୍ଦାପନା କରିବାର ବିଧି ଆମ ସମାଜରେ ପ୍ରଚଳିତ । ପ୍ରଥମାଷ୍ଟମୀର ଅନ୍ୟ ଏକ ବୈଶିଷ୍ଟ୍ୟ ରହିଛି । ଓଡ଼ିଶାରେ ଏହି ଦିନ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଁଘର ଯାତ୍ରା ହୋଇଥାଏ । ଲିଙ୍ଗରାଜ ମହାପ୍ରଭୁ ଏହି ଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠକୁ ଯାନ୍ତି ପଢୁଆଁ ହେବା ପାଇଁ । ଏହି ମଠର ଆରାଧ୍ୟ ଦେବତା ବରୁଣେଶ୍ୱର ଓ ବନଦେବୀ ଏ ଦୁହେଁ ଲିଙ୍ଗରାଜଙ୍କର ମାମୁଁ, ମାଇଁ ରୂପେ ବିଖ୍ୟାତ । ପ୍ରଥମାଷ୍ଟମୀ ପର୍ବଟି ଓଡ଼ିଶାର ଘରେ ଘରେ ଧନୀ ଦରିଦ୍ର ନିର୍ବିଶେଷରେ ପାଳିତ ହୋଇଥାଏ । ଏହା ସମ୍ପୂର୍ଣ୍ଣ ଭାବେ ଏକ ଓଡ଼ିଆ ପର୍ବ । ଓଡ଼ିଶାର ପ୍ରଥମାଷ୍ଟମୀ ପର୍ବଭଳି ଅନ୍ୟ କେଉଁଠି ଅନୁରୂପ ପର୍ବ ନାହିଁ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

# ନୂଆପଡା ଉପ-ନିର୍ବାଚନ : ଆସନ୍ତୁ ଭୋଟ ଦେବା


ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ରାଜ୍ୟର ସୀମାନ୍ତ ତଥା ଆଦିବାସୀ ବହୁଳ ଅଂଚଳ ଭାବେ ପରିଚିତ ନୂଆପଡା ବିଧାନସଭା ଆସନରେ ଉପ-ନିର୍ବାଚନ ଲାଗି ୧୧ତାରିଖ ମଙ୍ଗଳବାର ଦିନ ଭୋଟ ଗ୍ରହଣ ହେବ । ସ୍ଥାନୀୟ ବିଧାୟକ ତଥା ବିଜେଡିର ବରିଷ୍ଠ ନେତା ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ଯୋଗୁଁ ଉପ-ନିର୍ବାଚନ ହେଉଛି । ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ପରେ ରାଜ୍ୟରେ ଏହା ପ୍ରଥମ ଉପ-ନିର୍ବାଚନ । ସେହିପରି ଦୀର୍ଘ ୨୪ବର୍ଷର ବିଜେଡି ସରକାରକୁ କ୍ଷମତାଚ୍ୟୁତ କରି ବିଜେପି ସରକାର କ୍ଷମତାସୀନ ହେବା ପରେ ଏହା ହେଉଛି ପ୍ରଥମ ଉପ-ନିର୍ବାଚନ । ଏହି ଉପ-ନିର୍ବାଚନ ତିନି ପ୍ରମୁଖ ଦଳ ତଥା ବିଜେଡି, ବିଜେପି ଓ କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ କୌଣସି ଦଳ ସୁଯୋଗ ହାତଛଡା କରିବାକୁ ଚାହୁଁନାହାନ୍ତି । ଏଇଥିପାଇଁ ଗଲା ୧୫ଦିନ ଧରି ଉପାନ୍ତ ଇଲାକା ନୂଆପଡା ମିନି ରାଜଧାନୀରେ ପରିଣତ ହୋଇଥିବା ମନେ ହେଉଥିଲା । ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିରୋଧିଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ବିଧାୟକ, ସାଂସଦ, ଓ ତିନି ଦଳର ନେତା ଡେରା ପକାଇ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ । ତିନି ଦଳ ପାଇଁ ନୂଆପଡା ସମ୍ମାନର ପ୍ରଶ୍ନ ପାଲଟିଛି । ଏଇଥିପାଇଁ ଯେ, ପରଲୋକଗତ ବିଧାୟକ ବିଧାୟକ ବିଜେଡିର ଚାରି ଥରର ବିଧାୟକ ଏବଂ ବିଜେଡିର ଦୁର୍ଗ ଭାବେ ପରିଚିତ । ଗଲା ବିଧାନସଭା ନିର୍ବାଚନରେ ପରାଜୟ ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ପରଖିବା ପାଇଁ ଏହା ସୁଯୋଗ ଆଣିଦେଇଛି ବୋଲି କୁହାଯାଇପାରେ । ସେହିପରି ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରେ ଏହା ପ୍ରଥମ ଉପ-ନିର୍ବାଚନ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ପ୍ରତି ଭୋଟଦାତାଙ୍କର ଆସ୍ଥାର ପ୍ରମାଣ ଦେବ । ନିର୍ବାଚନରେ ବିଜେପିର ପରାଜୟ କେବଳ ରାଜ୍ୟରେ ନୁହେଁ, କେନ୍ଦ୍ର ବିଜେପିରେ ପ୍ରଭାବ ପକାଇବା ଆଶଙ୍କାକୁ ଅଣଦେଖା କରାଯାଇନପାରେ । କଂଗ୍ରେସ ପାଇଁ ଏହା ସମ୍ମାନର ପ୍ରଶ୍ନ ପାଲଟିଛି ଏଇଥିପାଇଁ ଯେ, ବର୍ତ୍ତମାନର ଦଳର ପ୍ରାର୍ଥୀ ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ୫୧ହଜାରରୁ ଅଧିକ ଭୋଟ ପାଇବା ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ । ସେହିପରି ରାଜ୍ୟରେ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ନିସ୍ତେଜ ହୋଇପଡିଥିବା ତଥା ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ହରାଇ ଥିବା କଂଗ୍ରେସ ପୁଣି ସକ୍ରୀୟ ଉଠିଥିବାବେଳେ ପ୍ରଦେଶ କଂଗ୍ରେସ ମୁଖିଆ ଭକ୍ତ ଦାସ ନେତୃତ୍ୱ ପ୍ରତି ନିର୍ବାଚନ ଫଳାଫଳ ଅଗ୍ନି ପରୀକ୍ଷା ସଦୃଶ ହୋଇଛି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ସାଧାରଣତଃ ଉପ-ନିର୍ବାଚନ ସ୍ଥାନୀୟ ସମସ୍ୟା ଗୁରୁତ୍ୱ ପାଇଥାଏ । କିନ୍ତୁ ବିଭିନ୍ନ ଦଳର ତୁଙ୍ଗ ନେତାମାନଙ୍କର ମାରାଥନ ପ୍ରଚାର ଯୋଗୁଁ ସ୍ଥାନୀୟ ସମସ୍ୟା ଦୃଷ୍ଟି ଆଢୁଆଳରେ ରହିଯାଇଥିବାବେଳେ ଦଳ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପରେ ନିର୍ବାଚନରେ ପରିବେଶ ସରଗରମ ହୋଇଯାଇଥିଲା । ଫସଲ ନଷ୍ଟ, ରାସ୍ତାଘାଟର ଦୁରାବସ୍ଥା, ଡାକ୍ତର ଅଭାବ, ଦାଦନ ଶ୍ରମିକ ସମସ୍ୟା, ଚାଷୀ ସମସ୍ୟା, ଆଦି ପ୍ରସଙ୍ଗ ଗୌଣ ହୋଇଯାଇଥିଲା । କେବଳ ଏତକି ନୁହେଁ, ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠାରେ ଭୋଜି ଭାରତର ଆସର ଜମିଥିଲା । ଅନ୍ୟପକ୍ଷରେ ତିନି ପ୍ରମୁଖ ଦଳ ନିଜ ନିଜ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଅପ୍ରାଣ ଉଦ୍ୟମ ଜାରି ରଖିଥିବା ମଧ୍ୟରେ ସାଧାରଣ ଭୋଟରଙ୍କ ମଧ୍ୟରେ ଟଙ୍କା ପାଇବାର ମୋହ ଆଶା ସୃଷ୍ଟି ହୋଇଥିବା ସମ୍ଭାବନାକୁ ମଧ ଏଡାଇ ଦିଆଯାଇନପାରେ । ଯେଉଁଥିପାଇଁ କି ବୋଧହୁଏ ପ୍ରଚାର ସରିଲାଣି, ଡେରା ପକାଇଥିବା ବାହାର ନେତାମାନେ ନିର୍ବାଚନ କମିଶନଙ୍କ କଟକଣା ଯୋଗୁଁ ନୂଆପଡା ଛାଡି ଗଲେଣି ଏବଂ ଭୋଟ ଗ୍ରହଣ ଆଉ ମାତ୍ର କିଛି ଘଂଟା ବାକି ଥିବା ସତ୍ତ୍ୱେ ଭୋଟଦାତାଙ୍କ ମଧ୍ୟରେ ଅଦଭୂତ୍ ପୂର୍ବ ନୀରବତା ନିର୍ବାଚନ ପରିବେଶକୁ ଉତ୍ସୁକତା କରିଦେଇଛି । କେବଳ ରାଜନୈତିକ ଦଳଗୁଡିକର ନୁହେଁ, ସାରା ରାଜ୍ୟବାସୀଙ୍କର ନୂଆପଡା ଉପରେ ନଜର ରହିଛି । ଫଳାଫଳ ନେଇ ରାଜନୈତିକ ଦଳଗୁଡିକ ଚିନ୍ତା, ଦ୍ୱିଧାରେ ରହିଥିବା ବେଳେ ଏବେ କେବଳ ୧୪ତାରିଖକୁ ହିଁ ଅପେକ୍ଷା । ଉଲ୍ଲେଖଯୋଗ୍ୟ ଯେ ଅଢେଇ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟଦାତ ସେମାନଙ୍କର ଗଣତାନ୍ତ୍ରୀକ ଅଧିକାର ୩୫୮ଟି ବୁଥରେ ସାବ୍ୟସ୍ତ କରିବାକୁ ଯାଉଥିବା ବେଳେ ଏଥିମଧ୍ୟରୁ ୪୭ଟି ବୁଥ୍‌କୁ ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି । ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ଲାଗି ବ୍ୟାପକ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଛି । ସୁରୁଖୁରରେ ମତଦାନ ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇଥିବା ବେଳେ ନୂଆପଡାର ସମସ୍ତ ଭୋଟଦାତା ଉଭୟ ପୁରୁଷ, ମହିଳା ଓ ଯୁବବର୍ଗ କୌଣସି ଚାପ କିମ୍ବା ପ୍ରଲୋଭନର ବଶବର୍ତ୍ତୀ ନହୋଇ ମତଦାନ ପାଇଁ ଆଗେଇ ଆସିବେ ବୋଲି ଆମର ଆଶା ଓ ବିଶ୍ୱାସ ।

ସମ୍ମାନ ଭବନ,
ପ୍ଳଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ
ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ଆଉ ଫେରୁନି ଫେରିବାଲା


ଲୋପାମୁଦ୍ରା ରାଉତ

ମୁଣ୍ଡ ଉପରେ ଭାରି ବୋଝ, ଥକିଲା ପାଦ, ବିଷର୍ଣ୍ଣ ମୁହଁରେ ଧାରେ ହସ । ଆଉ ତାହାରି ମଝିରେ ମଝିରେ ହୁଡି ପକେଇ ଡାକେ , ଆସ ଆସ ମା ମାଉସୀ ନେଇ ଯାଅ ମନ ପସନ୍ଦର ଜିନିଷ । ଆଉ ଏତିକି ଶୁଣିବା ମାତ୍ରେ ଗାଁର ନୂଆ ବହୁ ବି ହାତେ ଓଢ଼ଣା ଟାଣି ଦାଣ୍ଡ କବାଟ କଣରେ ଧିରେ ପଚ଼ାରେ କଣ ଆଣିଛନ୍ତି ବୁଢ଼ା ପୁଅ । ବୋଝ ତଳେ ଥୋଇ ବୁଲିଲା ବେଳକୁ ତାକୁ ଘେରି ଯାଇଥାନ୍ତି ଗାଁର ସବୁ ମା ମାଉସୀ ଆଉ ଛୋଟ ପିଲା । ସାଙ୍ଗେ ସାଙ୍ଗେ ପସରା ଖୋଲିବାକୁ ଲାଗି ଯାଏ ଫେରିବାଲା । କେତେ କେତେ ଗାଁ ଗଣ୍ଡା ଦୁର୍ଗମ ଅଂଚ଼ଳରେ ଚ଼ାଲି ଚ଼ାଲି ଲୋକଙ୍କ ଚ଼ାହିଦା ମୁତାବକ ଜିନିଷ ପହଂଚାଇ ଦିଏ ସେ । ମୁଲଚ଼ାଲ କୁ ନେଇ ବିଶେଷ ଅଭିଯୋଗ ନଥାଏ ତାର । ପରିଶ୍ରମ ମୁତାବକ ଟଙ୍କା ନମିଳିଲେ ବି ସେ ଖୁସି । ଟାଣିଟୁଣି ପରିବାର ଚ଼ଳାଇନିଏ । ହେଲେ ବି ଦୁଃଖୀ ଲୋକର ପରିସ୍ଥିତି ବୁଝେ ସେ । କେତେବେଳେ କାହା ପାଖରେ ଟଙ୍କା ନଥିଲା ବାକି ଦିଏ ତ ଅଭାବୀ ମା'ର ଛୁଆ କାନ୍ଦିଲେ ଖାଲି ଦେଇ ଚ଼ାଲିଯାଏ । ସତରେ ଭାରି ବଡ ହୃଦୟବାନ ସିଏ । ଫେରିବାଲା ଯୋଗୁଁ ଲୋକେ ବହୁ ସହଜରେ ଜିନିଷ କିଣିପାରୁଥିବା ବେଳେ ଏହାର ଫାଇଦା ମଧ ଫେରିବାଲାଙ୍କୁ ମିଳିଥାଏ ।ସେ ସମୟରେ ଗାଁ ଗହଳିରେ ଲୋକ ଏତେ ବଜାର ଯାଆନ୍ତି ନାହିଁ । ସବୁ ଘରକରଣା ଜିନିଷ ସହ ଓଷା ପର୍ବ ପାଇଁ ସାଡ଼ିଠାରୁ ଛୋଟ ଛୁଆଙ୍କ ଡ୍ରେସ୍ ଗାଁକୁ ବିକିବା ପାଇଁ ଆସନ୍ତି ଫେରି ବାଲା । ମଟର , ଚ଼ଣା ,ବାଦାମ ଠାରୁ ଆଖୁ ପର୍ଯ୍ୟନ୍ତ ଯେଉଁ ଋତୁ ରେ ଯାହା ମିଳେ ତାହାକୁ ଗାଁ ଗାଁ ଧରି ବୁଲେ ଫେରି ବାଲା । ସମସ୍ତଙ୍କ ଦୁଆରେ ସବୁ ଜିନିଷ ପହଂଚାଇ ଦିଏ ଏଇ ଫେରିବାଲା । ଏମାନଙ୍କ ଜୀବନ କିନ୍ତୁ ଭାରି ଦୁର୍ବିସହ । ଦିନସାରା ଗାଁ ଗାଁ ବୁଲୁଥିଲେ ମଧ ଅନେକ ସମୟରେ ଲୋକେ ମୁଲଚ଼ାଲ କରି ଜିନିଷ ନନେଇ ଛାଡି ଚ଼ାଲିଯାଆନ୍ତି । ତେଣୁ ଅନେକ ଧର୍ଯ୍ୟର ସହ ମାଇଲ ମାଇଲ ବାଟ ଯାଇ ନିଜ ଜିନିଷ ବିକିବାକୁ ହୋଇଥାଏ । ତଥାପି ତାର ଦୁଃଖ ନଥାଏ । କିନ୍ତୁ ଆଜି ସମୟ ବଦଳି ଯାଇଛି, ବଦଳି ଯାଇଛି ରୁଚ଼ି ଆଉ ବ୍ୟବସ୍ଥା ତା ସାଙ୍ଗରେ କେଉଁ ଅଜଣା ଗାଁରେ ବାଟ ଭୁଲି ଯାଇଛି ଫେରିବାଲା । ଆଧୁନିକତାର ଚ଼କଚ଼କ୍ୟରେ ମାଗୁଣିର ସଗଡ ଭଳି ସେ ଆଜି ଅଲୋଡ଼ା । ଆଉ ତାର ଜାଗା ମାଡ଼ି ବସିଛନ୍ତି କିଛି ସଂପି ମଲ୍ ଆଉ ଅନଲାଇନ ସଂପି ଆପ୍ । ଏସବୁ କେବଳ ତା ସ୍ଥାନ ଅଧିକାର କରିନାହାନ୍ତି ବରଂ ତା ପରିବାର ମୁହଁରୁ ଦାନା ଛଡ଼ ?ଇ ନେଇ ତା ଜୀବିକା ଉପରେ ଶକ୍ତ ଗୋଇଠା ମାରିଛନ୍ତି । ଯେଉଁମାନେ ଫେରିବାଲାର ଖାଲିପାଦରୁ ଝରିଥିବା ରକ୍ତକୁ ଦେଖିନଥିଲେ ସେମାନେ ଅନଲାଇନରେ ଅର୍ଡର ନେଇ ଆସୁଥିବା ବ୍ୟକ୍ତିର ଯାତାୟତର ଖର୍ଚ୍ଚ ସହ ଟିପ୍ସ ଦେଉଛନ୍ତି । ଖରା ବର୍ଷା ନମାନି ଘରେ ଆଣି ଜିନିଷ ଯୋଗାଇ ଦେଉଥିବା ଲୋକଟି ସହ ବାର ବାର ମୁଲଚ଼ାଲ କରୁଥିବା ଲୋକ ଆଜି ଅନଲାଇନରେ ସଂପି ମଲରେ ଦୁଇଗୁଣା ଟଙ୍କାର ଜିନିଷ କିଣୁଛନ୍ତି । କେତେବେଳେ ଠକାମୀର ଶିକାର ତ ଆଉ କେତେବେଳେ ଅପମାନ । ତଥାପି ଆଜି ଅଦରକାରୀ ସଚ଼୍‌ଚୋଟ ଫେରିବାଲା । ଯଦି ବି କେହି ଗାଁକୁ ଆସୁଛି ଏବେ ଗାଁର ଲୋକ କହୁଛନ୍ତି ଏସବୁ ଭଲ ଜିନିଷ ନୁହେଁ,ଅଧିକ ଦାମ ଆମେ ଅନଲାଇନରେ ଆଣିବା । ଏଭଳି କହିବା ଆଗରୁ ଥରୁଟିଏ ବି ଚ଼ିନ୍ତା କରୁନାହାନ୍ତି କି ଏଇ ବ୍ୟକ୍ତିର ଫେରିବା ବାଟକୁ ଚ଼ାହିଁ ରହିଥିବେ କିଛି ଭୋକିଲା ପେଟ । ମଣିଷ ଆଜି ବେଦରଦୀ ଆଉ ବେଇମାନ । ଯେଉଁଥି ପାଇଁ ଆଉ ଫେରୁନି ଫେରିବାଲା । ଶୁଭୁନାହିଁ ତା ମା ମାଉସୀ ଡାକ । ମୁହଁ ଅନ୍ଧାରରେ କ୍ଷୀଣ ହୋଇଯାଉଛି ତା ସ୍ୱର ।

# ଉତ୍କଳବ୍ୟାସ ସାରଳା ଦାସଙ୍କ ଜନ୍ମତିଥି ବିବାଦରେ


ହିମାଂଶୁ ଶେଖର ଆଚାର୍ଯ୍ୟ

ଆଦିକବି ସାରଳା ଦାସ । ସେପୁଣି ଓଡିଆ ଭାଷା ସାହିତ୍ୟର ଜନକ । ଆଉ କେହି ତାଙ୍କୁ ଉତ୍କଳବ୍ୟାସ ଓ ମାଟିର ମହାକବି ବୋଲି କହିଥାନ୍ତି । ମା ସାରଳାଙ୍କ କୃପା ଓ କରୁଣା ଲାଭକରି ସେ ସିଦ୍ଧେଶ୍ୱର ପରିଡାରୁ ସାରଳା ଦାସ ରୂପେ ସୁପରିଚିତ ହୋଇଥିଲେ । ରାମାୟଣ, ମହାଭାରତ ଓ ଭାଗବତ ଭଳି ମହାଗ୍ରନ୍ଥ ଲେଖି ଯାଇଛନ୍ତି । ନିଜକୁ ମୁର୍ଖ ବୋଲି ପ୍ରମାଣ କରିବାକୁ ଯାଇ ସେ ଲେଖିଛନ୍ତି – ଶ୍ରୀ ସାରଳାଚଣ୍ଡୀ ଯାହା ଆଜ୍ଞା ଦିଏ ନିତ୍ୟେ, ମୁହିଁ ତାହା ଲେଖିଯାଏ ଜଗଜ୍ଜନ ହିତେ । କିନ୍ତୁ ତାଙ୍କ ଜନ୍ମ ତିଥିକୁ ଓ ତାରିଖକୁ ନେଇ ଏବେ ଦ୍ୱନ୍ଦ ସୃଷ୍ଟି ହୋଇଛି । କାରଣ ସାରଳା ଦାସ ଜନ୍ମଦିନ କେବେ ତାହା ତାଙ୍କ ରଚନା ବଳୀରେ ଉଲ୍ଲେଖି କରିନାହାନ୍ତି କେବଳ ମାଘସପ୍ତମୀରେ ତାଙ୍କ ତିରୋଧାନ ଦିବସ ପାଳନ କରାଯାଏ । ୨୦୨୩ ମସିହାରେ ସାରଳା ରୋଡରେ ଉଦ୍‌ଘାଟିତ ହୋଇଥିବା ସାରଳା ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ତାରିଖରେ ତାଙ୍କର ଜନ୍ମ ୧୪୨୧ ବିଛା ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ଉଲ୍ଲେଖ ରହିଥିଲା ବେଳେ ତାଙ୍କ ସ୍ୱର୍ଗାରୋହଣ ୧୪୯୫ ମାଘମାସ ସପ୍ତମୀ ତିଥି ରଖାଯାଇଛି । ସୂଚନାଯୋଗ୍ୟ ଯେ, ଏପରି ସ୍ଥଳେ ଗତ ବର୍ଷ ୧୬.୧୧.୨୦୨୪ରେ ସାରଳା ଦାସ ପ୍ରତିମୂର୍ତ୍ତି ନିର୍ମାଣ କମିଟି ତରଫରୁ ତାଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା । ସାରଳା ଦାସ ସ୍ମୃତି ସଂସଦ ଓଡିଶା ଭୁବନେଶ୍ୱର ଓ ସାରଳା ଦାସ ପ୍ରତିମୂର୍ତ୍ତି ନିର୍ମାଣ କମିଟି, ତେନ୍ତୁଳିପଦା ମିଳିତ ଆନୁକୂଲ୍ୟରେ ଆଖଣ୍ଡଳେଶ୍ୱର ମନ୍ଦିର, ତେନ୍ତୁଳିପଦା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଏବର୍ଷ ପୁଣି ୧୫.୦୭.୨୦୨୫ରେ କଟକରେ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ପାଳିତ ହୋଇଥିଲା । ଯେଉଁଥିରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁ, ଓଡିଶାର ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଓ ମାନ୍ୟବର କେନ୍ଦ୍ରଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଯୋଗଦେଇଥିଲେ । ଆୟୋଜକମାନେ ଖୁସି କାରଣ ମହାମହିମ ରାଷ୍ଟ୍ରପତିଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ । ଏଠାରେ ପ୍ରଶ୍ନ ଉଠେ କେଉଁ ତଥ୍ୟ ଆଧାରରେ ଚଳିତ ବର୍ଷ ଉକ୍ତ ତାରିଖକୁ ତାଙ୍କର ୬୦୦ତମ ଜନ୍ମଦିନ ବୋଲି ସ୍ଥିର କରାଗଲା । ଦ୍ୱିତୀୟ କଥା ହେଲା ସାରଳା ଦାସଙ୍କ ରଚିତ କେଉଁ ପୁସ୍ତକ ବା ଅନ୍ୟାନ୍ୟ ସାରସ୍ୱତ ସାଧକ, ସାହିତ୍ୟିକ ବା ଗବେଷକଙ୍କ ଲେଖାକୁ ଭି ିକରି ଏହି ତାରିଖ ଗ୍ରହଣ କରାଗଲା । ନିକଟରେ ସାରଳା ଦାସ ସ୍ମୃତି କମିଟି ତରଫରୁ ଗତ ୬ ତାରିଖରେ ଝଙ୍କଡରୋଡ ଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଡାକି ଆଦିକବିଙ୍କ ଜୟନ୍ତୀ ପାଳନ କରାଯାଇଅଛି । ଏଠାରେ ସୂଚନାଯୋଗ୍ୟଯେ , ଆଦିକବିଙ୍କର ପ୍ରକୃତ ଜନ୍ମତିଥି ଓ ତାରିଖ କେଉଁଟି ଠିକ୍ । ଏକଥା ପ୍ରଥମେ ସାର୍ବଜନୀନ ଭାବେ ସ୍ଥିର କରାଯାଉ । ଓ ଶ୍ରଦ୍ଧାଳୁଙ୍କ ପାଖକୁ ଗୋଟିଏ ବା ିଯାଉ । ରାଜ୍ୟସରକାର, ସଂସ୍କୃତି ବିଭାଗ ଓ ମନ୍ଦିର ପ୍ରଶାସନ ଏଦିଗରେ ଯତ୍ନଶୀଳ ହୁଅନ୍ତୁ । ଏହାହିଁ ଏହି ଆଲେଖ୍ୟର ଆଭିମୁଖ୍ୟ । ବିନା ତଥ୍ୟରେ ଆଦିକବିଙ୍କ ଜୟନ୍ତୀ ଏମିତି ପାଳନ କରାଯିବା କେତେଦୂର ଯଥାର୍ଥ । ରାଜ୍ୟର ସମସ୍ତ ସାହିତ୍ୟିକ ବୁଦ୍ଧିଜୀବୀ , ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏଦିଗରେ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ବା ସେମାନଙ୍କ ମତାମତକୁ ନେଇ ପ୍ରକୃତ ସତ୍ୟକୁ ଉନ୍ମୋଚନ କରାଯିବା ଯୁକ୍ତିଯୁକ୍ତ ମନେହୁଏ । ତେବେ ମାଟିର ଏହି ବିସ୍ମୟ ପ୍ରତିଭା ସାରଳା ଦାସ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ମହାରାଜା କପିଳେନ୍ଦ୍ର ଦେବ (୧୪୩୫-୬୮) ସମସାମୟିକ ଥିଲେ ବୋଲି ଅନୁମାନ କରାଯାଏ । ପ୍ରଚଳିତ ଜନଶ୍ରୁତି ଓ ତାଙ୍କ ରଚନା ସମୂହରେ ବିକ୍ଷିପ୍ତ ଭାବେ ରହିଥିବା କେତେକ ପଂକ୍ତିକୁ ବିଚାରକୁ ନେଲେ ଝଙ୍କଡ ପ୍ରଗଣାସ୍ଥିତ ସାରୋଳ ଗ୍ରାମ ଅନ୍ତର୍ଗତ କାଳିନାଗ ଗ୍ରାମରେ କବି ଜନ୍ମଗ୍ରହଣ କରିଥିଲେ । ଆଦିକବି ସାରଳା ଦାସ ନିଜେ ତାଙ୍କ ଜନ୍ମଦିନ କେବେ କେଉଁଠି ତାଙ୍କ ରଚନା ବଳୀରେ ଉଲ୍ଲେଖି କରିନାହାନ୍ତି । କେବଳ ମାଘସପ୍ତମୀରେ ତାଙ୍କ ତିରୋଧାନ ଦିବସ ପାଳନ କରାଯାଏ । ଉତ୍କଳର ବରପୁତ୍ର ଏହି ମହାନ କବିଙ୍କ ଜୀବନୀ ସମ୍ବନ୍ଧରେ ବିଶେଷ କିଛି ତଥ୍ୟ ଉପଲବ୍ଧ ହୁଏ ନାହିଁ । କାରଣ ନିଜ ଗ୍ରନ୍ଥମାନଙ୍କରେ ନିଜ ପରିଚୟ ସେ ସ୍ପଷ୍ଟ ଭାବରେ ଦେଇନାହାନ୍ତି । ସମସାମୟିକ ସମାଜରେ ସଂସ୍କୃତ ଭାଷାର ଥିଲା ନିରଙ୍କୁଶ ରାଜତ୍ୱ । ଏହିପରି ଏକ ଘଡିସନ୍ଧି ମୁହୂ ର୍ତ୍ତରେ ଜନତାର ଭାଷାରେ ଗ୍ରନ୍ଥ ରଚନା କରିବାରେ ସେ ଥିଲେ ପ୍ରଥମ କବି । ଏପରି ଏକ ବୈପ୍ଳବିକ ପଦକ୍ଷେପ ନେଇ ଉଭୟ ବାଲ୍ମିକୀ ଓ ବ୍ୟାସଙ୍କୁ ନୂତନ ଭଙ୍ଗୀରେ ରୂପାତନ କରି ତତ୍କାଳୀନ ନିଷ୍ପ୍ରଭ ବାଣୀଭଣ୍ଡାରକୁ ଜନଜୀବନ ସହିତ ଜଡିତ କରି ନିଜର ପାରଦର୍ଶିତା ପ୍ରମାଣ କରିଥିଲେ । ସାରଳା ଦାସ ଯେଉଁ କାବ୍ୟ କବିତା ରଚନା କରିଥିଲେ ସେଥିରେ ଥିଲା – ରାମାୟଣ, ମହାଭାରତ ଓ ଭାଗବତ । ସେ ଲେଖିଛନ୍ତି – ଏଠାରେ ରାମାୟଣ ହେଉଛି 'ବିଲଙ୍କା ରାମାୟଣ', ଭାରତ ହେଉଛି 'ମହାଭାରତ' ଓ ଶିରୀ ଭାଗବତ ହେଉଛି 'ଦେବୀ ଭାଗବତ' ବା 'ଚଣ୍ଡୀପୁରାଣ' । ଏଥି ସହିତ ବାଲ୍ମିକୀ ରାମାୟଣ, ଲକ୍ଷ୍ମୀନାରାୟଣ ବଚନିକା ଓ 'ସପ୍ତକାଣ୍ଡ ରାମାୟଣ' ପ୍ରଭୃତି ମଧ ତାଙ୍କ ଲେଖନୀରୁ ନିଃସୃତ ହୋଇଅଛି । । ସାରଳା ଦାସ ମହାଭାରତ ଓଡିଆ ଜାତିର ଜୀବନ ବେଦ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ମୂଳ ସଂସ୍କୃତ ମହାଭାରତର ଅନୁବାଦ ନୁହେଁ । ମୂଳ ଗ୍ରନ୍ଥଟିର କଙ୍କାଳକୁ ମାତ୍ର ଗ୍ରହଣ କରି ସାରଳା ଦାସ ସେଥିଲେ ସ୍ୱ-କଳ୍ପନା ଶକ୍ତି ବଳରେ ରକ୍ତମାଂସ ସଂଯୋଗ କରିଛନ୍ତି । ସାରଳା ମହାଭାରତର ଏପରି କୌଣସି ଦିଗ ନାହିଁ, ଯେଉଁଥିଲେ ସାରଳା ଦାସଙ୍କ ଜାତୀୟତାର ଛାପ ଦେଖିବାକୁ ମିଳେନାହିଁ । ତାଙ୍କ ବିରଚିତ ମହାଭାରତରେ ଓଡିଶାର ମଠମନ୍ଦିର, ଧର୍ମପୀଠ, ଭୂଗୋଳ, ଜନପଦ, ପର୍ବତ, ନଦ ନଦୀ, ଅରଣ୍ୟ, କିମ୍ବଦନ୍ତୀ, ଲୋକକଥା ଓ ଲୋକ ବିଶ୍ୱାସକୁ ଜୀବନ୍ତ ରୂପରେ ରୂପାୟିତ କରିଛନ୍ତି ତାହା ତାଙ୍କ ଅସାମାନ୍ୟ ବୌଦ୍ଧିକ ଚେତନାର କଥା କହେ । ମହାଭାରତରେ ସାରଳା ଦାସ ୧୮ଟି ପର୍ବ ରଖିଛନ୍ତି ଯେଉଁଥିରେ ଆଦିପର୍ବ, ମଧ୍ୟପର୍ବ, ସଭାପର୍ବ, ବନପର୍ବ, ବିରାଟ ପର୍ବ, ଉଦ୍ୟୋଗ ପର୍ବ, ଭୀଷ୍ମପର୍ବ, ଦ୍ରୋଣପର୍ବ, କର୍ଣ୍ଣପର୍ବ, ଶଲ୍ୟପର୍ବ, ଗଦାପର୍ବ, କାଇଁଶିକା ପର୍ବ, ନାରୀପର୍ବ, ଶାନ୍ତିପର୍ବ, ଅଶ୍ୱମେଧ ପର୍ବ, ଆଶ୍ରମିକା ପର୍ବ, ମୂଷଳୀ ପର୍ବ ଓ ସ୍ୱର୍ଗାରୋହଣ ପର୍ବ ରହିଛି ।

ଏବେ ତର୍ଜମା କରିବାର ଉପଯୁକ୍ତ ସମୟ ଆସିଛି । ଓଡିଆ ଭାଷା ସାହିତ୍ୟର ଜନକ , ଉତ୍କଳ ବ୍ୟାସ, ଓ ସର୍ବୋପରି ମାଟିର ମହାକବି ସାରଳା ଦାସଙ୍କ ଜନ୍ମ ତିଥି ଓ ତାରିଖ ସଠିକ୍ ଭାବେ ନିରୁପଣ କରାଯାଉ । ଯାହାକି ଉ ରପିଢି ଅନୁସରଣ କରିବେ । ତରବରିଆ ଭାବେ ବା ବାହାବାଃ ନେବାପାଇଁ କୌଣସି କାର୍ଯ୍ୟ ଆମକୁ ଲକ୍ଷସ୍ଥଳରେ ପହ ଇବ ନାହିଁ । ତେଣୁ ଆଦିକବିଙ୍କ ଜନ୍ମତିଥି ଓ ତାରିଖକୁ ବିର୍ତକରୁ ଉର୍ଦ୍ଧ୍ୱରେ ରଖାଯାଉ । ତାହା ନହେଲେ ଦିଅଁ ଗଢୁଗଢୁ ମାଙ୍କଡ ହୋଇଯିବନି ତ ?

ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ – ୯୩୩୭୨୨୧୯୨୪

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ



# ଶିଶୁ ପ୍ରତିଭା ସମ୍ମାନ ପ୍ରତିଯୋଗିତା



ଭୁବନେଶ୍ୱର,(ପି.ଏନ): ଶିଶୁ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ପ୍ରଶାନ୍ତି ଏଜୁକେଶନାଲ୍ ଏବଂ ଚ୍ୟାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଶିଶୁ ପ୍ରତିଭା ସମ୍ମାନ ପ୍ରତିଯୋଗିତା ଆଆର୍ ସିଂ ଭିଲେଜ୍ ସ୍ଥିତ ମହର୍ଷି ପବ୍ଲିକ ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ୮୫ ଜଣ ଛାତ୍ରଛାତ୍ରୀ ନାଚ୍, ଗୀତ, ଡ୍ରଇଂ, ଧୀଶକ୍ତି ପରୀକ୍ଷା,କୌତୁକ ପୋଷାକ ଏବଂ ତର୍କ ପ୍ରତିଯୋଗିତାରେ ଭାଗ ନେଇ ଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଡଃ.ରେଖା ଦାସ, ସଞ୍ଜୁକ୍ତା ମହାପାତ୍ର, ସୁଷମା ମହାପାତ୍ର, ପଦ୍ମାସୀନୀ ଷଡ଼ଙ୍ଗୀ, ସଞ୍ଜୁକ୍ତା ନାୟକ ସଂଗ୍ରାମ ସାହୁ, ବିଶ୍ୱ ରଞ୍ଜନ ସ୍ୱାଇଁ ବିଚ୍ଚାରକ ମଣ୍ଡଳୀ ଭାବରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ପିଇସିଟିର ଅଧକ୍ଷା ତପସ୍ୱିନି ପଣ୍ଡା ଏବଂ ସ୍କୁଲର ଅଧକ୍ଷା ଶ୍ରୀମତୀ ହେନା ମହାପାତ୍ର ପରିଚ୍ଚାଳନା କରିଥିଲେ । ସ୍କୁଲର ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଏବଂ କର୍ମଚ୍ଚାରୀମାନେ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାରେ ପିଲାମାନେ ବହୁତ୍ ଉତ୍ସାହର ସହ ଭାଗ ନେଇଥିଲେ ।ବିଗତ କିଛି ବର୍ଷ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଆସୁଅଛି ।କୃତି ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୪ ତାରିଖ ସୋମବାର ଦିନ ସନ୍ଧ୍ୟା ସମୟରେ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ କଳିଙ୍ଗ ପୁସ୍ତକ ମେଳାରେ ପ୍ରଦାନ କରାଯିବ । ସମସ୍ତ ପ୍ରତୀଯୋଗୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ । ଶିଶୁ ପ୍ରତିଭା ସମ୍ମାନ ପ୍ରତିଯୋଗିତା: ୦୯.୧୧.୨୫--ଶିଶୁ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ପ୍ରଶାନ୍ତି ଏଜୁକେଶନାଲ୍ ଏବଂ ଚ୍ୟାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଶିଶୁ ପ୍ରତିଭା ସମ୍ମାନ ପ୍ରତିଯୋଗିତା ଆଇ ଆର୍ ସି ଭିଲେଜ୍ ସ୍ଥିତ ମହର୍ଷି ପବ୍ଲିକ ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ୮୫ ଜଣ ଛାତ୍ରଛାତ୍ରୀ ନାଚ୍, ଗୀତ,ଡ୍ରଇଂ,ଧୀଶକ୍ତି ପରୀକ୍ଷା,କୌତୁକ ପୋଷାକ ଏବଂ ତର୍କ ପ୍ରତିଯୋଗିତାରେ ଭାଗ ନେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଡଃ.ରେଖା ଦାସ, ସଞ୍ଜୁକ୍ତା ମହାପାତ୍ର, ସୁଷମା ମହାପାତ୍ର, ପଦ୍ମାସୀନୀ ଷଡ଼ଙ୍ଗୀ, ସଞ୍ଜୁକ୍ତା ନାୟକ, ଶ୍ରୀମତୀ ସୁମିତା ସୁବୁଦ୍ଧି ସଂଗ୍ରାମ ସାହୁ, ବିଶ୍ୱ ରଞ୍ଜନସ୍ୱାଇଁ,ଶ୍ରୀମତୀ ମମତା ଦାସ ବିଚ୍ଚାରକ ମଣ୍ଡଳୀ ଭାବରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ପିଇସିଟିର ଅଧକ୍ଷା ତପସ୍ୱିନି ପଣ୍ଡା ଏବଂ ସ୍କୁଲର ଅଧକ୍ଷା ଶ୍ରୀମତୀ ହେନା ମହାପାତ୍ର ପରିଚ୍ଚାଳନା କରିଥିଲେ । ସ୍କୁଲର ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଏବଂ କର୍ମଚ୍ଚାରୀମାନେ ସହଯୋଗ କରିଥିଲେ ।ଏହି ପ୍ରତିଯୋଗିତାରେ ପିଲାମାନେ ବହୁତ୍ ଉତ୍ସାହର ସହ ଭାଗ ନେଇଥିଲେ ।ବିଗତ କିଛି ବର୍ଷ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଆସୁଅଛି ।କୃତି ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୪ ତାରିଖ ସୋମବାର ଦିନ ସନ୍ଧ୍ୟା ସମୟରେ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ କଳିଙ୍ଗ ପୁସ୍ତକ ମେଳାରେ ପ୍ରଦାନ କରାଯିବ । ସମସ୍ତ ପ୍ରତୀଯୋଗୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ ।

# ଭରତପୁର ଷ୍ଟୁଡିଓ ଛକରେ ସୋମୁ ମଲ୍ଟି କ୍ୟୁସିନ୍ ରେଷ୍ଟ୍ରୋ ଉଦ୍‌ଘାଟିତ



ଭୁବନେଶ୍ୱର,(ପି.ଏନ): ରବିବାର ସଂଧ୍ୟାରେ ଭରତପୁର ଷ୍ଟୁଡିଓ ଛକରେ ଖୋଲିଯାଇଛି ସୋମୁ ମଲ୍ଟି cuisine resto. ଏହି ମଲ୍ଟି ରେଷ୍ଟ ରାଂଟ ରେ ଲାଇଭ ସଂଗୀତ ସହିତ ସୁଦୁଷ୍ଟିଷ୍ଟ ଖାଦ୍ୟର ଭଣ୍ଡାର ରହି ଅଛି ନିଜ ପରିବାର ସହିତ ଥରେ ଆସି କି ଭୁଲି କି ଯାଉନ୍ତୁ ଏକ ରଙ୍ଗୀନ ପରିବେଶ ରେ ହୋଟେଲକୁ ସଜେଇ ହେଇ ଥିବା ବେଳେ ଖୁବ କମ ଖର୍ଚ୍ଚ ରେ ଖାଦ୍ୟ ର ମଜା ଉଠେଇ ପାରିବେ ବୋଲି ବୋଲି ସୋମୁ ମଲ୍ଟି ରେଷ୍ଟରାଂଟ ର ପ୍ରତିଷ୍ଠାତା ଉଦୟକର ସାହୁ କହିଥିଲେ । ଏଠାରେ ଇଣ୍ଡିଆନ ଚ୍ଚାଇନିଜ, ସାଉଥଇଣ୍ଡିଆନ,ଏମିତକି ବିଦେଶୀ ଖାଦ୍ୟ ମଧ ଅଡ଼ର କରି ସୁଲଭ ମୂଲ୍ୟରେ ଖାଇ ପାରିବେ । ଏହାର ଭିତର ଡିଜାଇନ ବହୁତ ବଢ଼ିଆ ହୋଇଛି ଯେଉଁଠି ସାଙ୍ଗସାଥୀ ଓ ପୁରା ପରିବାର ବସି ଖାଇବା ସହିତ ସୁନ୍ଦର ଫଟୋ ଭିଡ଼ିଓ ବି ସୁଟିଂ କରିପାରିବେ । ଏହି ରେଷ୍ଟୁରାଂଟରେ ଲାଇଭ ମ୍ୟୁଜିକର ଆନନ୍ଦ ବି ନେଇପାରିବେ ।

# ବାଲିଯାତ୍ରା ମହୋତ୍ସବ ଓଡିଆଙ୍କ ହୃଦୟକୁ ଯୋଡିଥାଏ- ମହାମହିମ ରାଜ୍ୟପାଳ




ପାରାଦୀପ,(ପି.ଏନ): ସୋମବାର ସଂନ୍ଧ୍ୟାରେ ପାରାଦୀପଠାରେ ସାତ ଦିନ ବ୍ୟାପି ଆୟୋଜିତ ହୋଇଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦଯାପିତ ହୋଇଯାଇଛି । ଉଦଯାପନୀ ସଂନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଓଡିଶାର ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି । ମୁଖ୍ୟବକ୍ତା ଭାବେ ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ସାଂସଦ ଡ. ବିଭୂପ୍ରସାଦ ତରାଇ, ଡିଆଇଜି ସେ _ାଲ ସତ୍ୟଜିତ ନାୟକ ଯୋଗ ଦେଇଥିଲେ । ଉଦଯାପନୀ ସମାରୋହରେ ପୌରହିତ୍ୟ କରିଥିଲେ କଳିଙ୍ଗ ବାଲିଯାତ୍ରା କମିଟିର ଅଧକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲ । ମୁଖ୍ୟଅତିଥି ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଓଡିଶାର ନୌବାଣିଜ୍ୟ ପରମ୍ପରାର ନମୂନା ହେଉଛି ବାଲିଯାତ୍ରା । ବାଲିଯାତ୍ରା ମହୋତ୍ସବ ପ୍ରତି ଓଡିଆଙ୍କ ହୃଦୟକୁ ଯୋଡିଥାଏ ବୋଲି କହିଥିଲେ । ଓଡିଶାର ବୀରସାଧବମାନେ ଓଡିଶାରେ ନୌବାଣିଜ୍ୟର ପରମ୍ପରା ସୃଷ୍ଟି କରିଥିଲେ । ଜାଭା,ବାଲି, ସୁମାତ୍ରା,ସିଂଘଳ ଆଦି ଦ୍ୱୀପକୁ ବାଣିଜ୍ୟ କରିବାକୁ ପାଲଟଣା ବୋଇତରେ ଯାଇ ସାହାସିକତାର ନମୁନା ପ୍ରଦର୍ଶନ କରିଥିଲେ । ଓଡିଶାର ବିକାଶରେ ପାରାଦୀପର ସମ୍ପର୍କ ଯୋଡି ହୋଇଯାଇଛି । ଶିଳ୍ପ, ମହିଳା ସ୍ୱୟଂ ସହାୟକ ଦଳ, ସଂସ୍କୃତି ବାଲିଯାତ୍ରାକୁ ସରସ ସୁନ୍ଦର କରିଛି । ବାଲିଯାତ୍ରା ମହୋତ୍ସବ ଏକତା, ସଂସ୍କୃତି, ଅତୀତର ଗୌରବର ଗାଥା ବର୍ଣ୍ଣନା କରୁଛି । ପାରାଦୀପ ବନ୍ଦର ଓଡିଶାର ଗର୍ବ ଓ ଗୌରବର ଗାଥା ଭାବେ ଉଭା ହୋଇଛି ବୋଲି ମହାମହିମ ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଥିଲେ । ଶେଷରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମଗ୍ରିକ ସୁସ୍ଥତା ବଜାୟ ରଖିବାରେ ସହାୟକ ହୋଇଥାଏ ଆଲମଣ୍ଡ



ଭୁବନେଶ୍ୱର,(ପି.ଏନ) : ମଧୁମେହ ରୋଗ ଏବଂ ସମସ୍ତଙ୍କ ପାଇଁ ପହଂଚଯୋଗ୍ୟ ଚିକିତ୍ସାର ମହତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିବର୍ଷ ନଭେମ୍ବର ୧୪ ତାରିଖରେ ବିଶ୍ୱ ମଧୁମେହ ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'କାର୍ଯ୍ୟକ୍ଷେତ୍ରରେ ମଧୁମେହ', ଯାହା କର୍ମଚାରୀ ଓ ନିଯୁକ୍ତିଦାତାଙ୍କୁ ମଧୁମେହ ରୋଗକୁ ଭଲ ଭାବରେ ବୁଝିବା ଏବଂ କାର୍ଯ୍ୟକ୍ଷେତ୍ରରେ ପ୍ରଭାବୀ ପରିଚାଳନା ପାଇଁ ସହଯୋଗୀ ପରିବେଶ ସୃଷ୍ଟି କରିବା ଲାଗି ପ୍ରୋତ୍ସାହିତ କରୁଛି । ଏକ ସଂତୁଳିତ ଆହାର ଶରୀରରେ ରକ୍ତସର୍କରା ସ୍ତର ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ଏକ ମୁଠା ଆଲମଣ୍ଡ ସହ ନିଜର ଦିନ ଆରମ୍ଭ କରିବା ଦ୍ୱାରା ତାହା ସୁସ୍ଥ ରକ୍ତ ସର୍କରା ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ । ଆଲମଣ୍ଡଗୁଡିକ ପ୍ରୋଟିନ, ଅନସାଚୁରେଟେଡ ଫ୍ୟାଟ, ଡାଏଟାରୀ ଫାଇବର ସମେତ ୧୫ଟି ଜରୁରୀ ପୋଷକତତ୍ୱରେ ସମୃଦ୍ଧ ଅଟେ ଯାହା ଶରୀରରେ ସୁସ୍ଥ ରକ୍ତସର୍କରା ବଜାୟ ରଖିବାରେ ସାହାଯ୍ୟ କରିବା ସହ ଟାଇପ ୨ ଡାଇବେଟିସ ଥିବା ଲୋକଙ୍କର ଗ୍ଲୁକୋଜ ନିୟନ୍ତ୍ରଣକୁ ଉନ୍ନତ କରିଥାଏ । ନିଜର ପୋଷଣ ସମୃଦ୍ଧ ଓ ବିବିଧତା ଯୋଗୁ ଆଲମଣ୍ଡକୁ ପ୍ରତିଦିନର ଖାଦ୍ୟ ଓ ସ୍ନାକ୍ସରେ ସାମିଲ କରିବା ଏକ ସହଜ ବିକଳ୍ପ ଅଟେ ଯାହା ଉତମ ସାମଗ୍ରିକ ମେଟାବୋଲିକ ସ୍ୱାସ୍ଥ୍ୟରେ ସହଯୋଗ କରିଥାଏ । ଉତମ ମଧୁମେହ ପରିଚାଳନା ଓ ସାମଗ୍ରିକ ସ୍ୱାସ୍ଥ୍ୟ ଦିଗରେ କାଲିଫର୍ଣ୍ଣିଆ ଆଲମଣ୍ଡ ଏକ ସରଳ ତଥାପି ପ୍ରଭାବୀ ପଦକ୍ଷେପ ଅଟେ । ଏସମ୍ପର୍କରେ ନ୍ୟୁଟ୍ରିସନ ଓ ୱେଲନେସ୍ କନ୍‌ସଲ୍ଟାଂଟ ଶୀଲା କ୍ରିଷ୍ଣାସ୍ୱାମୀ କହିଛନ୍ତି, 'ଚଳିତ ବିଶ୍ୱ ମଧୁମେହ ଦିବସରେ ମୁଁ ସମସ୍ତଙ୍କୁ ଉପଯୁକ୍ତ ଆହାର ବିକଳ୍ପ ଚୟନ କରିବାକୁ ପ୍ରୋତ୍ସାହିତ କରୁଛି । ଆଲମଣ୍ଡ, ପନିପରିବା, ସ୍ପ୍ରାଉଟ, ସତେଜ ଫଳ ଭଳି ପୋଷଣ ସମୃଦ୍ଧ ଖାଦ୍ୟଗୁଡିକ ନିଜର ପ୍ରତିଦିନର ରୁଟିନରେ ସାମିଲ କରିବା ଦ୍ୱାରା ତାହା ରକ୍ତସର୍କରା ସ୍ତର ଉନ୍ନତ ରଖିବାରେ ସାହାଯ୍ୟ କରିଥାଏ । କାରଣ ଆଲମଣ୍ଡଗୁଡିକରେ ପ୍ରୋଟିନ, ଅନସାଚୁରେଟେଡ ଫ୍ୟାଟ ଓ ଡାଏଟାରୀ ଫାଇବର ସହ ଏକ ନିମ୍ନ ଗ୍ଲାଇସେମିକ ଇଣ୍ଡେକ୍ସ ରହିଛି, ଯାହାର ଅର୍ଥ ହେଉଛି ସେଗୁଡିକ ରକ୍ତସର୍କରା ସ୍ତର ବୃଦ୍ଧି କରନ୍ତି ନାହିଁ ।' ମ୍ୟାକ୍ସ ହେଲ୍‌ଥକେୟାର,ଦିଲ୍ଲୀର ଡାଏଟେଟିକ୍ସ ବିଭାଗର ଆଂଚଳିକ ମୁଖ୍ୟ ରିତିକା ସମାଦାର କହିଛନ୍ତି, 'ଜୀବନଶୈଳୀ ଓ ଖାଦ୍ୟ ବିକଳ୍ପଗୁଡିକ ମଧୁମେହର ପ୍ରମୁଖ ଅବଦାନକାରୀ ଅଟନ୍ତି । ଶସ୍ୟଜାତୀୟ ଖାଦ୍ୟ, କାଲିଫର୍ଣ୍ଣିଆ ଆଲମଣ୍ଡ ଭଳି ବାଦାମ, ସବୁଜ ପତ୍ରଯୁକ୍ତ ପନିପରିବା ଓ ହୋଲଗ୍ରେନରେ ସମୃଦ୍ଧ ଏକ ସଂତୁଳିତ ଆହାର ମଧୁମେହକୁ ରୋକିବାରେ ସାହାଯ୍ୟ କରିପାରିଥାଏ । ବିଶେଷ ଭାବେ ଆଲମଣ୍ଡ ବିଭିନ୍ନ ପ୍ରକାରର ପୋଷଣତତ୍ୱ ପାଇଁ ପରିଚିତ ଅଟେ ଏବଂ ଏହା ପ୍ରୋଟିନ ଓ ଡାଏଟାରୀ ଫାଇବରର ଏକ ଉତମ ଉତ୍ସ ଅଟେ ।' ବଲିଉଡ ଅଭିନେତ୍ରୀ ସୋହା ଅଲୀ ଖାନ କହିଛନ୍ତି, 'ଏକ ସୁସ୍ଥ ଶରୀର ଓ ମସ୍ତିଷ୍କ ଏକ ସୁସ୍ଥ ଆହାର ସହ ଆରମ୍ଭ ହୋଇଥାଏ । ମୁଁ ମୋର ଖାଦ୍ୟରେ କାଲିଫର୍ଣ୍ଣିଆ ଆଲମଣ୍ଡ ଭଳି ପୋଷଣ-ସମୃଦ୍ଧ ଖାଦ୍ୟକୁ ସାମିଲ କରିବା ନିଶ୍ଚିତ କରିଥାଏ । ଆଲମଣ୍ଡ ମୋତେ ସାରାଦିନ ଶକ୍ତିସମ୍ପନ୍ନ ରଖିଥାଏ ଓ ସଂତୁଳିତ ଅନୁଭବ ଦେଇଥାଏ ।' ଆୟୁର୍ବେଦ ବିଶେଷଜ୍ଞ ମଧୁମିତା କ୍ରିଷ୍ଣନ କହିଛନ୍ତି, 'ଆୟୁର୍ବେଦ ଅନୁଯାୟୀ, ଧ୍ୟାନ ଓ ଉତମ ଖାଦ୍ୟ ସହ ଦିନର ଆରମ୍ଭ ଉଭୟ ମସ୍ତିଷ୍କ ଓ ଶରୀରକୁ ପ୍ରସ୍ତୁତ କରିଥାଏ । ଆଲମଣ୍ଡଗୁଡିକ ଏହାର ପୁଷ୍ଟିକର ଗୁଣ ପାଇଁ ମୂଲ୍ୟବାନ ଅଟେ । ଏହା ହଜମରେ ସାହାଯ୍ୟ କରିଥାଏ, ଦୋଷଗୁଡିକୁ ସଂତୁଳିତ ରଖିଥାଏ ଓ ଶରୀରକୁ ଭିତରୁ ପୁନର୍ଜୀବିତ କରିଥାଏ ।

# ଏୟାରଟେଲ ପେମେଂଟସ ବ୍ୟାଙ୍କ ର ତ୍ରୈମାସିକ ରାଜସ୍ୱରେ ୮୦୦ କୋଟି ଟଙ୍କା ଅତିକ୍ରମ



ଭୁବନେଶ୍ୱର,(ପି.ଏନ): ଏୟାରଟେଲ ପେମେଂଟ୍ସ ବ୍ୟାଙ୍କ ପକ୍ଷରୁ ଆଜି ସେପ୍ଟେମ୍ବର ୩୦ ତାରିଖ, ୨୦୨୫ରେ ଶେଷ ହୋଇଥିବା ୨ୟ ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି । ପ୍ରଥମ ଥର ପାଇଁ ବ୍ୟାଙ୍କର ତ୍ରୈମାସିକ ରାଜସ୍ୱ ୮୦୦ କୋଟି ଟଙ୍କା ଅତିକ୍ରମ କରିଛି ଯାହା ୧୯.୪%ର ଏକ ବାର୍ଷିକ ଅଭିବୃଦ୍ଧି ହାସଲ କରିଛି । ଏହି ତ୍ରୈମାସିକ ପାଇଁ ଇବିଆଇଟିଡ଼ିଏ ୮୯.୩ କୋଟି ଟଙ୍କା ରହିଛି ଯାହା ଗତବର୍ଷର ସମାନ ଅବଧି ତୁଳନାରେ ୧୭.୪% ଅଧିକ ରହିଛି । ୨ୟ ତ୍ରୈମାସିକରେ ବ୍ୟାଙ୍କର ଲାଭ ୧୧.୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହି ଅବଧିରେ ବ୍ୟାଙ୍କର ଆନୁଆଲାଇଜଡ଼ ଗ୍ରସ ମର୍ଚ୍ଚାଣ୍ଡାଇଜ ଭାଲ୍ୟୁ (ଜିଏମଭି) ୪୫୬୦ ବିଲିୟନ ଟଙ୍କାରେ ପହଂଚିଛି, ଯାହା ବ୍ୟାଙ୍କର ସେଫ୍ ସେକେଣ୍ଡ ଆକାଉଂଟ, କାରବାର ପ୍ରସ୍ତାବ ଓ ଅନ୍ୟାନ୍ୟ ଉତ୍ପାଦ ଅଫରିଙ୍ଗ ଗୁଡିକର ବର୍ଦ୍ଧିତ ଗ୍ରହଣୀୟତାକୁ ପ୍ରତିଫଳନ କରୁଛି । ଏସମ୍ପର୍କରେ ଏୟାରଟେଲ ପେମେଂଟ୍ସ ବ୍ୟାଙ୍କର ଏମ୍‌ଡି ଓ ସିଇଓ, ଅନୁବ୍ରତ ବିଶ୍ୱାସ କହିଛନ୍ତି ଯେ, 'ଆମର ନିର'ର ଅଭିବୃଦ୍ଧି ଆମର ଡିଜିଟାଲ-ପ୍ରଥମ ମଡେଲର ଶକ୍ତି ଏବଂ ଆମ ଉପରେ ଗ୍ରାହକମାନେ ଦେଖାଇଥିବା ଗଭୀର ବିଶ୍ୱାସକୁ ପ୍ରତିଫଳନ କରୁଛି । ସେଫ୍ ସେକେଣ୍ଡ ଆକାଉଂଟ ଏକ ପ୍ରମୁଖ ଅଭିବୃଦ୍ଧି ପରିଚାଳକ ଭାବେ ଜାରି ରହିଛି, ଯାହା ଗ୍ରାହକଙ୍କୁ ସହଜ ଓ ଆତ୍ମବିଶ୍ୱାସର ସହିତ ସେମାନଙ୍କର ଦୈନନ୍ଦିନ ଡିଜିଟାଲ ଟ୍ରାନ୍ସକ୍ସନଗୁଡିକୁ ପରିଚାଳନା କରିବା ପାଇଁ ସଶକ୍ତ କରୁଛି ।' ବ୍ୟାଙ୍କ ଏହାର ସେଫ୍ ସେକେଣ୍ଡ ଆକାଉଂଟ ପ୍ରସ୍ତାବ ଉପରେ ମହତ୍ୱକୁ ଗଭୀର କରିବା ଜାରି ରଖିଛି ଏବଂ ସୁରକ୍ଷିତ, ବାଧାମୁକ୍ତ ଓ ଦୈନନ୍ଦିନ ଡିଜିଟାଲ ପେମେଂଟଗୁଡିକ ପାଇଁ ଡିଜାଇନ କରାଯାଇଥିବା ଭିନ୍ନ ଭିନ୍ନ ଉତ୍ପାଦଗୁଡିକୁ ହାଇଲାଇଟ କରିବା ପାଇଁ ଏହାର ପ୍ରଥମ ୩୬୦ ଡିଗ୍ରୀ ବ୍ରାଣ୍ଡ କ୍ୟାମ୍ପେନ ଲଂଚ କରିଥିଲା । ଏହି କ୍ୟାମ୍ପେନକୁ ଭଲ ଭାବରେ ଗ୍ରହଣ କରାଯାଇଛି ଯାହା ଡିଜିଟାଲ ଆକାଉଂଟ ଖୋଲିବା କ୍ଷେତ୍ରରେ ଦୃଢ ଆକର୍ଷଣକୁ ପରିଚାଳନା କରିଛି ଏବଂ ଗ୍ରାହକଙ୍କ ଦୈନିକ ବ୍ୟାଙ୍କିଙ୍ଗ ଆବଶ୍ୟକତା ପାଇଁ ଏକ ବିଶ୍ୱସନୀୟ ସହଯୋଗୀ ଭାବେ ବ୍ୟାଙ୍କର ସ୍ଥିତିକୁ ସୁଦୃଢ କରିଛି । ୨ୟ ତ୍ରୈମାସିକରେ ବ୍ୟାଙ୍କର କଷ୍ଟମର ବାଲାନ୍ସ ୩୯୮୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି ଯାହା ବାର୍ଷିକ ୩୫% ବୃଦ୍ଧି ହୋଇଛି ।ପ୍ରମୁଖ ମେଟ୍ରୋ ନେଟ୍‌ୱର୍କଗୁଡିକରେ ୪ ମିଲିୟନରୁ ଅଧିକ ଉପଭୋକ୍ତା ଏହାର କାର୍ଡ ବ୍ୟବହାର କରୁଥିବାବେଳେ ଏୟାରଟେଲ ପେମେଂଟସ ବ୍ୟାଙ୍କ ରୁପେ ଅନ-ଦ-ଗୋ ଏନସିଏମସି କାର୍ଡ ଇକୋସିଷ୍ଟମର ନେତୃତ୍ୱ ନେବା ଜାରି ରଖିଛି । ଏହା ଭାରତର ସର୍ବବୃହତ ଏନସିଏମସି ଅଧିଗ୍ରହଣକାରୀ ବ୍ୟାଙ୍କ, ଯାହା ଏହି ବର୍ଗରେ ମୋଟ ଟ୍ରାନ୍ସକ୍ସନ ପରିମାଣର ପ୍ରାୟ ୬୫%ର ପ୍ରକ୍ରିୟାକରଣ କରୁଛି ।୫ ଲକ୍ଷରୁ ଅଧିକ ସକ୍ରିୟ ବ୍ୟାଙ୍କିଙ୍ଗ ପଏଂଟର ଏକ ମଜବୁତ ନେଟ୍‌ୱର୍କ ସହିତ ବ୍ୟାଙ୍କର ଅଫ୍‌ଲାଇନ ଉପସ୍ଥିତି ଆହୁରି ଗଭୀର ହେବା ଜାରି ରଖିଛି, ଯାହାମଧ୍ୟରୁ ପ୍ରତ୍ୟେକ ୫ମ ଶାଖା ମହିଳା ବ୍ୟାଙ୍କିଙ୍ଗ ପ୍ରତିନିଧିଙ୍କ ଦ୍ୱାରା ପରିଚାଳିତ ହେଉଛି । ଏୟାରଟେଲ ପେମେଂଟ୍ସ ବ୍ୟାଙ୍କ ଆଜି ପ୍ରତି ୪ଟି ଗ୍ରାମରୁ ୩ଟିରେ ସେବା ପ୍ରଦାନ କରୁଛି, ଭାରତର ୫୦% ରେମିଟାନ୍ସ ଏବଂ ପ୍ରତି ୪ଟି ଆଧାର ସକ୍ଷମ ପେମେଂଟରୁ ଗୋଟିଏର ପ୍ରକ୍ରିୟାକରଣ କରୁଛି । ଏହା ନିକଟରେ ୧୦ରୁ ୧୭ ବର୍ଷ ୬ ମାସ ବୟସର ନାବାଳକଙ୍କ ପାଇଁ ସେଭିଙ୍ଗ୍‌ସ ଆକାଉଂଟର ଶୁଭାରମ୍ଭ କରିଛି, ଯାହା ଏହାର ସମାବେଶୀ ପୋର୍ଟଫୋଲିଓକୁ ଆହୁରି ସୁଦୃଢ କରିଛି ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray